# Akashvani, Sambalpur

## SAMBALPURI NEWS EVENING BULLETIN

## 13 July 2025- 7.02 pm- 7.12 pm.

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ୨ ଦିନିଆ ଗସ୍ତଥି ଆସୁଛନ୍ ଓଡ଼ିଶା ।

- କଟକ୍ ଆଉ ଭୁବ୍‌ନେଶ୍ୱର୍ ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ହେବେ ସାମିଲ୍ ।

୨- ଭୁବ୍‌ନେଶ୍ୱର୍ ଏମ୍ସ ନ ଫକୀର୍ ମୋହନ୍ ମହାବିଦ୍ୟାଲୟର୍ ଚିକିତ୍ସାଧୀନ୍ ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟବସ୍ଥା ପଚ୍‌ରେଇ ବୁଝ୍‌ଲେ ମୁଖ୍ୟମନ୍ତ୍ରୀ ।

- ଘଟ୍‌ନାର୍ ତଦନ୍ତ୍ ମୁଲ୍ କଲେ ୩ ଝନିଆ କମିଟି ।

୩- ଏକ୍ସିଅନ୍- ୪ ମିଶନ୍‌ର ୪ ଝନ୍ କ୍ରୁ ସଦସ୍ୟଙ୍କର୍ ପୁର୍‌ଥି ଫିର୍‌ବାର୍ ପ୍ରକ୍ରିୟା ଆଏବା କାଏଲ୍‌ନୁ ହେବା ମୁଲ୍ ।

ଆଉର୍

୪- ଘୂର୍ଣ୍ଣିବଳୟ ପ୍ରଭାବ୍‌ଥି ସୁନ୍ଦର୍‌ଗଡ୍ ସହେତେ ୧୮ ଟା ଜିଲ୍ଲା ନ ଆଏବା କାଏଲ୍‌ଠାନୁ ହେଇପାରେ ଜବର୍ ବର୍ଷା ।

ରାଷ୍ଟ୍ରପତି -ଏମ୍ସ             ପି.ଆଇ.ବି.

ରାଷ୍ଟ୍ରପତି  ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍‌ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଆର୍ କଟକ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଆଏବା କାଏଲ୍ ଉପର୍‌ବେଲା ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ଏମ୍ସର ୫ ନମ୍ବର୍ ସମାବର୍ତନ୍ ସମାରୋହଥି ଯୋଗ୍ ଦେବେ । ମଙ୍ଗଲ୍‌ବାର୍ ଦିନ ସଖାଲ୍‌ବେଲା କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଲୟର୍ ୧୩ ନମ୍ବର୍ ଦୀକ୍ଷାନ୍ତ ସମାରୋହଥି ଅତିଥି ଭାବେ ଯୋଗ୍ ଦେବାର୍ ସହେତେ ରେଭେନ୍ସା ବାଲିକା ଉଚ୍ଚବିଦ୍ୟାଲୟର୍ ୩ ଟା କୋଠାର୍ ପୁନର୍ବିକାଶ୍ ଲାଗି ଶିଲାନ୍ୟାସ୍ କର୍‌ବେ । ଇତାର୍‌ସହେତେ ରାଷ୍ଟ୍ରପତି ଆଦିକବି ସାରଳା ଦାସ୍‌ଙ୍କର୍ ଜନମ୍ ଶତବାର୍ଷିକୀ ସମାରୋହଥି ଯୋଗ୍ ଦେଇକରି କଳିଙ୍ଗ ରତ୍ନ ପୁରସ୍କାର୍-୨୦୨୪ ପ୍ରଦାନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଷ୍ଟ୍ରପତି-ରାଜ୍ୟସଭା ସଦସ୍ୟ       ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ଲାଗି ୪ ଝନ୍ ସେବାନୁ ନିବୃତ ଥିବାର୍ ୪ ଝନ୍କର୍ ନାଁ ମନୋନୀତ୍ କରିଛନ୍ । ସେମାନେ ହେଲେ ଉଜ୍ଜ୍ୱଲ୍ ଦେବ୍ରାଓ ନିକମ୍, ସି. ସଦାନନ୍ଦମ୍ ମାଷ୍ଟେ, ହର୍ଷବର୍ଦ୍ଧନ୍ ସିଙ୍ଗ୍ଲା ଆଉ ମିନାକ୍ଷୀ ଜୈନ୍ । ଭାରତୀୟ ସମ୍ବିଧାନ୍ର ଅନୁଚ୍ଛେଦ୍ ୮୦ ର ଉପଧାରା -୧ ଅନ୍ତର୍ଗତ୍ ଉପଖଣ୍ଡ- କ ଆଉ ଅନୁଚ୍ଛେଦ୍ ୮୦ ର ଉପାଧାରା-୩ ଅନ୍ତର୍ଗତ୍ ନିୟମ୍ ଅନ୍ସାରେ ଇ ଅଧିସୂଚନା ଜାରି କରାଯାଇଛେ । ମନୋନୀତ୍ ବ୍ୟକ୍ତିବିଶେଷ୍ ମାନେ ସମାଜ୍ର ଭିନ୍ ଭିନ୍ କ୍ଷେତ୍ରୁ ପ୍ରତିଷ୍ଠିତ୍ ହେଇଥିବା ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀଙ୍କର୍ ପ୍ରତ୍ୟାବର୍ତନ୍ ଆର୍ଏନ୍ୟୁ/ ସମ୍ବଲପୁର

୨ ଦିନିଆ ଦିଲ୍ଲୀ ଗସ୍ତ ସାରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍ନେଶ୍ୱର୍ ନ ପୁହୁଁଚିଛନ୍ । ବିମାନ୍ ବନ୍ଦର୍ ନ ଗଣମାଧ୍ୟମ୍ ପ୍ରତିନିଧି ମାନ୍କୁ ପ୍ରତିକ୍ରିୟା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଗସ୍ତ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ ଙ୍କୁ ଭେଟିଥିଲେ । ରାଜ୍ୟ ସର୍କାର୍ଙ୍କର୍ ଦ୍ୱାରା ପ୍ରସ୍ତୁତ୍ ଭିଜନ୍ ଡକ୍ୟୁମେଂଟ୍ -୨୦୩୬ ଆଉ ୨୦୪୭

ସେମାନ୍‌କୁ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ । କେନ୍ଦ୍ର ଆଉ ରାଜ୍ୟର୍ ତାଲ୍‌ମେଲ୍‌ଥି ବିକାଶ୍ କାମ୍‌କେ ତୁର୍‌ତି କରାଯିବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ତାଙ୍କର୍ ଆଲୋଚନା ସାଫୁଲ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଫକୀର୍ ମୋହନ୍- ଛାତ୍ରୀ ଆତ୍ମାହୁତି ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ବାଲେଶ୍ୱର୍ ଫକୀର୍ ମୋହନ୍ ମହାବିଦ୍ୟାଲୟର୍ ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟଅବସ୍ଥା ତଦାରଖ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଏମ୍ସ ନ ପୁହୁଁଚିଥିଲେ । ମୁଖ୍ୟମନ୍ତ୍ରୀ ପିଡ଼ିତା

ଛାତ୍ରୀଙ୍କର୍ ଚିକିତ୍ସା ବାବ୍‌ଦେ ଏମ୍ସର ନିର୍ଦ୍ଦେଶକ୍ ଆଉ ଚିକିତ୍ସା କରୁଥିବା ଡାକ୍ତରୀ ଦଲ୍ ସହେତେ ଆଲୋଚନା କରିଛନ୍ । ଘଟ୍‌ନାକେ ନେଇକରି ତଦନ୍ତ୍ ମୁଲ୍ ହେଇଛେ । ରିପୋର୍ଟ ଆସ୍‌ଲା ଉତ୍‌ରୁ ଦୋଷୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସେଆଡ଼େ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ବିଧାୟକ୍ ବାବୁ ସିଂ ଭୁବ୍‌ନେଶ୍ୱର୍ ଏମ୍ସ ନ ପୁହଁଚିକରି ପିଡ଼ିତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ । ଏମ୍ସର ବିଶେଷଜ୍ଞ ଡାକ୍ତର୍‌ଙ୍କୁ ନେଇକରି ଗୁଟେ ଟିମ୍ ଗଠନ୍ କରାଯିବାର୍ ସହେତେ ପିଡ଼ିତାଙ୍କର୍ ଚିକିତ୍ସା ଜାରି ରହିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

(ଭଏସ୍ ଓଭର୍- ସ୍ୱାସ୍ଥ୍ୟମନ୍ତ୍ରୀ)

ଘଟ୍‌ନାର୍ ଉଚ୍ଚସ୍ତରୀୟ ତଦନ୍ତ୍ ଲାଗି ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ୩ ଝନିଆ କମିଟି ଆଏଜ୍ ବାଲେଶ୍ୱର୍ ନ ପୁହୁଁଚିକରି ତଦନ୍ତ୍ ମୁଲ୍ କରିଛନ୍ ।

ଭୁବ୍‌ନେଶ୍ୱର୍ ଏମ୍ସ ନ ପିଡ଼ିତା ଛାତ୍ରୀ ଝନ୍‌କର୍ ଅବସ୍ଥା ଗୁରୁତର୍ ଥିବାର୍ ଏମ୍ସ କର୍ତ୍ତୃପକ୍ଷ ସୂଚ୍‌ନା ଦେଇଛନ୍ । ଘଟ୍‌ନାକେ ନେଇକରି କଲେଜ୍ ଅଧ୍ୟକ୍ଷ ଆଉ ବିଭାଗୀୟ ମୁଖ୍ୟଙ୍କୁ ସର୍‌କାର୍

ନିଲମ୍ବନ୍ କରିଛନ୍ ଆଉ ସେମାନ୍‌କୁ ତଦନ୍ତ୍‌କାରୀ ଦଲ୍ ପଚ୍‌ରାଉଚ୍‌ରା ମୁଲ୍ କରିଛନ୍ । ଇ ଘଟ୍‌ନାଥି ଜାତୀୟ ମହିଳା କମିଶନ୍ ଏନ୍.ସି.ଡବ୍ଲୁ ନିଜର୍ ଆଡୁ ହସ୍ତକ୍ଷେପ୍ କରିଛନ୍ । ପିଡ଼ିତାଙ୍କର୍ ସବୁ ଚିକିତ୍ସା ଖର୍ଚ୍ଚା ରାଜ୍ୟ ସର୍‌କାର୍ ବହନ୍ କର୍‌ବେ । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଏମ୍ସ ନିର୍ଦ୍ଦେଶକଙ୍କୁ ଜନେଇ ଦିଆଯାଇଛେ ।

## ରେଲ୍ ଡବା - ସିସିଟିଭି କେମ୍‌ରା ପିଆଇବି

ରେଲ୍‌ଯାତ୍ରୀମାନ୍‌କର୍ ସୁରକ୍ଷା ବଢ଼ାବାର୍ ଲାଗି ରେଲ୍ ଡବା ମାନ୍‌କେ ସିସିଟିଭି କେମ୍‌ରା ଲଗାବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥି ଯାତ୍ରୀମାନ୍‌କର୍ ସୁରକ୍ଷା ଦିଗେ ଉଲ୍ଲେଖନୀୟ ସୁଧାର୍ ହେବା । ରେଲ୍‌ୱେ ଫି’ କୋଚ୍‌ଥି ୪ ଟା ସିସିଟିଭି କେମ୍‌ରା ଆଉ ଲୋକୋମୋଟିଭ୍‌ଥି ୬ ଟା କେମ୍‌ରା ଲଗାଯିବା । ଫି’ ଘଂଟାଥି ଶହେ କିଲୋମିଟର୍‌ନୁ ଅଏତ୍‌କା ବେଗ ଆଉ କମ୍ ଉଜାଲା ଥି ଭିଲ୍ ଉଚ୍ଚମାନର୍ ସିସିଟିଭି ଫୁଟେଜ୍ ସୁନିଶ୍ଚିତ୍ କରାଯିବା । କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ କେନ୍ଦ୍ର ରେଲ୍ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତ୍ ସିଂ ବିଟ୍ଟୁ ଇଞ୍ଜିନ୍ ଆଉ ଡବା ମାନ୍‌କେ ସିସିଟିଭି କେମ୍‌ରା ଲଗାଯିବାର୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ ।

ଏକ୍ସିଅମ୍ - ୪ ଆର୍ଏନ୍ୟୁ/ ସମ୍ବଲପୁର

ଏକ୍ସିଅମ୍ - ୪ ମିଶନ୍‌ଥି ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର-ଆଇଏସ୍ଏସ୍ କେ ଯାଇଥିବା ଭାରତୀୟ ମହାକାଶ୍‌ଚାରୀ ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଆଉ ଅଲ୍‌ଗା ୩ ଝନ୍ ସଦସ୍ୟ ଆଏବା କାଏଲ୍ ପୁର୍‌ଥିକେ ଫିର୍‌ବାର ଲାଗି ଯାତ୍ରା ମୁଲ୍ କର୍‌ବେ । ଇ ବାବ୍‌ଦେ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ଆଏବା କାଏଲ୍ ଉପର୍‌ବେଲା ସାଢ଼େ ୪ ବଜେ ଅନ୍ ଡକିଂ କାମ୍ ମୁଲ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ କହିଛନ୍, ସଦସ୍ୟମାନେ ମଙ୍ଗଲ୍‌ବାର୍ ଦିନ ଉପର୍‌ବେଲା ୩ ବଜେ ପୁର୍‌ଥି ପୃଷ୍ଠ ନ ପୁହୁଁଚିଛେ । ଗ୍ରୁପ୍ କେପ୍‌ଟେନ୍ ଶ୍ରୀ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ରକେ ୧୪ ଦିନର୍ ମିଶନ୍ ଗସ୍ତଥି ଅଛନ୍ । ସେ ପହେଲା ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରନୁ ଗସ୍ତ କରିଛନ୍ । ଆଉ ୱିଙ୍ଗ୍ କମାଣ୍ଡର୍ ରାକେଶ୍ ଶର୍ମାଙ୍କର୍ ଉତ୍‌ରୁ ୨ ନମ୍ବର୍ ମହାକାଶ୍‌ଚାରୀ ଭାବେ ମହାକାଶ୍ ଯାଇଛନ୍ । ଇ ସମିଆଥି ଗ୍ରୁପ୍ କେପ୍‌ଟେନ୍ ଶୁକ୍ଲା ଭାରତ୍ ବାବ୍‌ଦେ ୭ ଟା ଖାସ୍ ପରୀକ୍ଷଣ୍ କରିଛନ୍ ।

ହାତୀ ମୃତ୍ୟୁ- ମୁଖ୍ୟମନ୍ତ୍ରୀ       ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବନାଂଚଲ୍‌ର ନାକ୍‌ଟିଦେଉଲ୍ ସର୍‌ପାଲି ଗାଁ ନ ଘରୋଇ ବେଆଇନ୍ ବିଦ୍ୟୁତ୍ ତାର୍ ପଡ଼ିକରି ଗୁଟେ ହାତୀର୍ ଜୀବନ୍ ଯାଇଛେ । ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ ପ୍ରକାଶ୍ କର୍‌ବାର୍ ସହେତେ ଉଚ୍ଚସ୍ତରୀୟ ତଦନ୍ତ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ହାତୀ ମୃତ୍ୟୁ ଘଟ୍‌ନାଥି ସମ୍ପୃକ୍ତ ବ୍ୟକ୍ତିଙ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ତଦନ୍ତ୍ ଲାଗି ମୁଖ୍ୟ ବନ ସଂରକ୍ଷକ ମନୋଜ୍ ନାୟାର୍‌ଙ୍କର୍ ନେତୃତ୍ୱଥି ଗୁଟେ ଦଲ୍ ଭୁବ୍‌ନେଶ୍ୱର୍ ନୁ ନାକ୍‌ଟିଦେଉଲ୍‌କେ ଯାଇଛନ୍ । ଇହାଦେର୍ ସମିଆଥି ସେ ଇଲାକା ନ ଉଚ୍ଚପଦସ୍ଥ ବନ ଅଧିକାରୀ ଆଉ ବିଦ୍ୟୁତ୍ ବିଭାଗ୍ ଅଧିକାରୀମାନେ ପୁହୁଁଚିକରି ତଦନ୍ତ ଜାରି କରୁଛନ୍ ।

ପିତୃମାତୃହୀନ ଶିଶୁ ଚିହ୍ନଟ୍ ଅଭିଯାନ୍       I&PR

ଶିଶୁ ଅଧିକାର୍ ଆଉ କଲ୍ୟାଣ୍‌କେ ସୁନିଶ୍ଚିତ୍ କର୍‌ବାର୍ ଉଦ୍ଦେଶ୍ୟଥି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅର୍ଫେନ୍ ସର୍ଭେ-୨୦୨୫ ମୁଲ୍

ହେଇଛେ । ଜୁଲାଇ ୧୧ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଭିଯାନ୍‌ଥି ଅଙ୍ଗନବାଡ଼ି କର୍ମୀମାନେ ଜୁଲାଇ ମାସର୍ ୨୧ ତାରିଖ୍‌ତକ୍ ଘର୍ ଘର୍ ବୁଲିକରି ଅନାଥ୍ ଛୁଆମାନ୍‌କର୍ ଚିହ୍ନଟ୍ କର୍‌ବାର୍ ସହେତେ ସେମାନ୍‌କର୍ ସବୁ ତଥ୍ୟ ଠୋଲ୍ କରୁଛନ୍ । ଇଥି ମା ବାପା ନାଇଁଥିବା କି ମା ନାଇଁ ଥାଇକରି ବାପା ୪୦ ପ୍ରତିଶତ୍‌ନୁ ଅଏତ୍‌କା ଭିନ୍ନକ୍ଷମ ହେଇକରି ରୋଜ୍‌ଗାର୍ ନାଇଁ କରିପାରୁଥିଲେ- ସେ ଛୁଆମାନ୍‌କୁ ଚିହ୍ନଟ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ । ୧୮ ବରସ୍‌ତକ୍ ହେଇଥିବା ସେ ଛୁଆ ଆଉ ନାବାଲକ୍‌ମାନ୍‌କୁ ଇଥି ଚିହ୍ନଟ୍ କରାଯିବା ।

ଜଲ୍‌ସମ୍ପଦ୍ ବିଭାଗ୍ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଙ୍କର୍ ଅଧ୍ୟକ୍ଷତାଥି ଜଲ୍‌ସମ୍ପଦ୍ ବିଭାଗ୍‌ର ଗୁଟେ ବୈଠକ୍ ଭୁବ୍‌ନେଶ୍ୱର୍ ଠାନେ ହେଇଛେ । ବୈଠକ୍‌ଥି ଶ୍ରୀମତୀ ଗର୍ଗ ଜଲ୍‌ସମ୍ପଦ୍ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ରାଏଜେ ନୂଆଁ ଜଲ୍‌ନୀତିଥି ରହିଥିବା ବହୁତ୍‌ଟେ ଜରୁରୀ ପ୍ରସଙ୍ଗ, ଆନ୍ତଃରାଜ୍ୟ ଜଲ୍ ସଂଯୋଗୀକରଣ୍,

ବିଭାଗର୍ ଭିନ୍ ଭିନ୍ କାମ୍ ଆଉ ପ୍ରକଳ୍ପର୍ କାର୍ଯ୍ୟକାରିତାକେ ନେଇକରି କମିଶନର୍ ଆଲୋଚନା କରିଛନ୍ ।

ବାର୍ଡ଼ ଫ୍ଲୁ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲା ଡେଲାଙ୍ଗ ବାର୍ଡ଼ ଫ୍ଲୁ ପ୍ରଭାବିତ୍ ଅଂଚଲ୍ ଗସ୍ତ କରିକରି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ ଥିତିର୍ ସମୀକ୍ଷା କରିଛନ୍ । ଖାସ୍‌କରି ଫ୍ଲୁ ଲାଗି ନୁକ୍‌ସାନ୍ ହେଇଥିବା କୁକୁଡ଼ା ଚାଷୀମାନ୍‌କୁ କ୍ଷତିପୂରଣ୍ ଦେବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ସମନ୍ୱୟ କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ପଂଚାୟତ୍ ସମିତି ସଭାଗୃହ ନ ବାଲ୍ୟବିବାହ ନିରୋଧ୍ ବ୍ଲକ୍‌ସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବ୍ଲକ୍ ଉନ୍ନୟନ୍ ଅଧିକାରୀ ଯୋଗ୍ ଦେଇକରି ବ୍ଲକ୍‌କେ ବାଲ୍ୟବିବାହ ମୁକ୍ତ କର୍‌ବାର୍ ଲାଗି ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଥିଲେ । ପଂଚାୟତ୍‌ସ୍ତର୍ ନ ବିବାହ ପଞ୍ଜିକରଣ୍

ପରିଚାଲନା କର୍‌ବାର୍‌କେ ବ୍ଲକ୍ ଉନ୍ନୟନ୍ ଅଧିକାରୀ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ ଆଏଜ୍ ୮ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତ୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି’ ସେକେଣ୍ଡ୍‌ଥି ୧ ଲାଖ୍ ୫୪ ହଜାର୍ ୪ ଶହ ୧୨ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ସେହିସେତ୍‌କି ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୬/ଶୂନ୍ ଫୁଟ୍ ରହିଛେ । ଇ ସମିଆ ଭିତ୍‌ରେ ଜଲ୍‌ଭଣ୍ଡାର୍‌ର ଆଉ ୪ ଗେଟ୍‌କେ ବନ୍ଦ୍ କର୍‌ବାର୍ ଲାଗି କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ଉତର୍‌ପଶ୍ଚିମ

ବଙ୍ଗୋପ୍‌ସାଗର୍, ପଶ୍ଚିମବଙ୍ଗ୍ ଆର୍ ଓଡ଼ିଶାର୍ ସମୁଦ୍ର ଖଁଡ଼ି ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ସୁନ୍ଦର୍‌ଗଡ଼୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ସହେତେ ୧୮ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆଉ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।